ସ୍ମୃତି ମନ୍ଧନାଙ୍କ ଅର୍ଦ୍ଧଶତକ ସତ୍ତ୍ୱେ ଭାରତୀୟ ମହିଳା ଦଳ ହାରିଲା

ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର

24 YEARS

ସମ୍ବାଦ କଳିକା

The Sambad Kalika

E-mail : sambadkalikaa@yahoo.com

e-paper www.sambadkalika.com

TM ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର

The only ISO Certified Odia Newspaper NS-EN ISO 9001:2008

ମୂଲ୍ୟ ଷ୍ଟାମ୍ପ ଟଙ୍କା ୨.୦୦ : 8 Pages, ₹ 2.00

କର୍ମଣ୍ୟେ ବାଧିକାରସ୍ତେ ମା ଫଳେଷୁ କଦାଚନ

● ବର୍ଷ–୨୫ ● ସଂଖ୍ୟା–୫୦ ● ୧୯ ମାର୍ଚ୍ଚ ୨୦୧୮, ସୋମବାର ● ଭୁବନେଶ୍ୱର ● Vol -25 ● Issue-50 ●19th March 2018, Monday ●Bhubaneswar

RNI Regd. No. : 52640/94
Licensed to post without pre-payment of postage No- BN-60/15-17

ଏସ୍‌ଡିଆଇକୁ ଲୋକାର୍ପିତ କଲେ ରାଷ୍ଟ୍ରପତି

ହାଇଡ୍ରୋକାର୍ବନ ଦକ୍ଷତା ବିକାଶ କ୍ଷେତ୍ରରେ ପ୍ରଥମ ସଂସ୍ଥାନ

ଭୁବନେଶ୍ୱର : ୧୮।୩
ନ୍ୟୁଜ୍ ବ୍ୟୁରୋ

ଆଇଆଇଟି ଭୁବନେଶ୍ୱରର ସମାବର୍ତ୍ତନ ଉତ୍ସବରେ ମହାମହିମ ରାଷ୍ଟ୍ରପତି ଇନଷ୍ଟିଚ୍ୟୁଟ ଅଫ କେମିକାଲ ଟେକ୍ନୋଲଜି (ଆଇସିଟି) ମୁମ୍ବାଇ – ଇଣ୍ଡିଆନ ଅଏଲ କ୍ୟାମ୍ପସର ଶୁଭ ଉଦଘାଟନ ଓ ସ୍କିଲ ଡେଭଲପମେଂଟ ଇନଷ୍ଟିଚ୍ୟୁଟ (ଏସଡିଆଇ) ଭୁବନେଶ୍ୱରର ସ୍ଥାୟୀ କ୍ୟାମ୍ପସ୍‌ର ଭିତ୍ତିପ୍ରସ୍ତର ସ୍ଥାପନା କରିଛନ୍ତି । ଏହି ଅବସରରେ ଉଦ୍‌ବୋଧନ ଦେଇ ରାଷ୍ଟ୍ରପତି ରାମନାଥ କୋବିନ୍ଦ କହିଛନ୍ତି ଯେ ସ୍କିଲ ଡେଭଲପମେଣ୍ଟ ଇନଷ୍ଟିଚ୍ୟୁଟ ହାଇଡ୍ରୋ କାର୍ବନ କ୍ଷେତ୍ରରେ ଦେଶରେ ପ୍ରଥମ ଏପରି ଇନଷ୍ଟିଚ୍ୟୁଟ ହେବ ଓ ଏହା ଆଗାମୀ ଦଶ ବର୍ଷରେ ୫୦ ହଜାର ଯୁବକଙ୍କୁ ପ୍ରଶିକ୍ଷଣ ଦେବାର ଲକ୍ଷ୍ୟ ରଖା ଯାଇଥିବା ଜାଣି ସେ ଅତ୍ୟନ୍ତ ଖୁସି । ଏହି କାର୍ଯ୍ୟକ୍ରମରେ ଉଦ୍‌ବୋଧନ ଦେଇ ଦୁଇଟି ଅନୁଷ୍ଠାନ ଓଡ଼ିଆ ଯୁବ ପୀଢ଼ୀଙ୍କ ପାଇଁ ଉତ୍ତମ ତାଲିମ ଆଧାରରେ ରୋଜଗାର ଓ ଉଦ୍ୟମୀ ହେବାର ବ୍ୟାପକ ସୁବିଧା ଉପଲବ୍ଧ କରାଇବ ବୋଲି କେନ୍ଦ୍ର ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି । ଆଇସିଟି ମୁମ୍ବାଇ – ଇଣ୍ଡିଆନ ଅଏଲ କ୍ୟାମ୍ପସ ଓ ଏସଡିଆଇ କ୍ୟାମ୍ପସ କେନ୍ଦ୍ର ତୈଳ ଓ ପ୍ରାକୃତିକ ଗ୍ୟାସ ମନ୍ତ୍ରଣାଳୟ ଉଦ୍ୟମରେ ଓଡ଼ିଶାରେ ସ୍ଥାପିତ ହେଉଛି । ଏହି ଅବସରରେ ଉଦ୍‌ବୋଧନ ଦେଇ ଶ୍ରୀ ପ୍ରଧାନ କହିଛନ୍ତି ଯେ କେମିକାଲ ଓ ପେଟ୍ରୋ କେମିକାଲ କ୍ଷେତ୍ରରେ ଦେଶର ଅଗ୍ରଣୀ ଅନୁଷ୍ଠାନ ଆଇସିଟି ମୁମ୍ବାଇର ଓଡ଼ିଶା କ୍ୟାମ୍ପସ ଏହାର ଶିକ୍ଷାର୍ଥୀଙ୍କ ପାଇଁ ବଡ ସୁଯୋଗ ଉପଲବ୍ଧ କରାଇବ । ସମଗ୍ର ବିଶ୍ୱ ଓ ଦେଶରେ ପଲିମରର ଚାହିଦା ଦ୍ରୁତ ବେଗରେ ବଢି ଚାଲିଛି । ଭାରତରେ ତୈଳ ବିଶୋଧନ କ୍ଷମତା ବାର୍ଷିକ ୨୪୭ ମିଲିୟନ୍ ମେଟ୍ରିକ ଟନ ହୋଇଥିବା ବେଳେ ଦେଶରେ ମୋଟ ୧୯୪ ମିଲିୟନ ମେଟ୍ରିକ ଟନ ବାର୍ଷିକ ଚାହିଦା ରହିଛି । (ପୃଷ୍ଠା ୭ରେ)

ଦୁଇ ଦିନିଆ ଓଡ଼ିଶା ଗସ୍ତ ଶେଷ କରି ରାଷ୍ଟ୍ରପତି ରାମନାଥ କୋବିନ୍ଦ ଦିଲ୍ଲୀ ପ୍ରତ୍ୟାବର୍ତ୍ତନ କରିବା ଅବସରରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବିଦାୟୀ ସମ୍ବର୍ଦ୍ଧନା ଦେଉଛନ୍ତି । ନିକଟରେ ଅଛନ୍ତି ରାଜ୍ୟପାଳ ଏସ୍.ସି ଜମିର ଓ କେନ୍ଦ୍ର ପେଟ୍ରୋଲିୟମ୍ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ।

କ୍ରିକେଟ ଜଗତରୁ ଖୁସି ଖବର

ଶେଷବଲରେ ହାରୁ ହାରୁ ଜିତିଲା ଭାରତ

କଲମ୍ବୋ: ୧୮।୩

ଦମ୍ ଲଗାଇ ଖେଳିଥିଲେ, ହେଲେ ଶେଷ ବଲ ପର୍ଯ୍ୟନ୍ତ ଆଶା ନଥିଲା । ଏକ ପ୍ରକାର ଆଶଙ୍କା ସୃଷ୍ଟି ହୋଇଥିଲା ଭାରତ ହାରଯିବା ଥୟ । ଗୋଟିଏ ବଲରେ ୫ରନ ଥିବା ବେଳେ ଦୀନେଶ କାର୍ତ୍ତିକ ଶେଷ ବଲରେ ଛକ୍କା ମାରି ଭାରତକୁ ଦେଲେ ଅସମ୍ଭବ ବିଜୟ । ରୋହିତ ଶର୍ମା(୫୬) ଓ ଦିନେଶ କାର୍ତ୍ତିକ(୨୯)ଙ୍କ ବିସ୍ଫୋରକ ବ୍ୟାଟିଂ ଓ ଯୁଜବେନ୍ଦ୍ର ଚହଲ(୩ଓ୍ୱିକେଟ୍)ଙ୍କ ଘାତକ ବୋଲିଂ ବଳରେ ଭାରତ ୪ ଓ୍ୱିକେଟ୍‌ରେ ବାଂଲାଦେଶକୁ ପରାସ୍ତ କରିଛି । ଶେଷ ଓଭରରେ ୧୨ ରନ୍ ଆବଶ୍ୟକ ଥିବା ବେଳେ କାର୍ତ୍ତିକ ସଙ୍କଟମୋଚକ ଭୂମିକାରେ ଅବତୀର୍ଣ୍ଣ ହୋଇଥିଲେ । କାରଣ ସେତେବେଳେ ଦରକାର ଥିଲା ବଡ ରନ୍ । ତେଣୁ ବାସ୍ତବ ଓ୍ୱିନର ଭଳି ଖେଳିଲେ କାର୍ତ୍ତିକ । ମାତ୍ର ୮ଟି ବଲ (ପୃଷ୍ଠା ୭ରେ)

ବଢ଼ିଲା ତାପମାତ୍ରା, ୨୧ରେ ବର୍ଷା

ଭୁବନେଶ୍ୱର : ୧୮।୩
ନ୍ୟୁଜ୍ ବ୍ୟୁରୋ

ଦୁଇଦିନ ହେଲା ଓଡ଼ିଶାର ବିଭିନ୍ନ ସ୍ଥାନରେ ଝିପିଝିପି ବର୍ଷା ହେଉଥିବାରୁ ତାପମାତ୍ରା ସାମାନ୍ୟ ହ୍ରାସ ପାଇଛି । ପୁରୀ, ବାରିପଦା, ହୀରାକୁଦ, କୋରାପୁଟ, ଟିଟିଲାଗଡ଼, ଦାରିଙ୍ଗବାଡ଼ି, ଢେଙ୍କାନାଳରେ ୧ ମି.ମି.ରୁ ଅଧିକ ବର୍ଷା ହୋଇଥିବା ବେଳେ ରାଜ୍ୟର ଅନ୍ୟ ସ୍ଥାନଗୁଡ଼ିକରେ ହାଲକା ବର୍ଷା ହୋଇଛି । କେତେକ ସ୍ଥାନରେ ପବନର ବେଗ ଘଣ୍ଟାପ୍ରତି ୫୦ କି.ମି.ରୁ ଅଧିକ ରହିଥିବାରୁ ସାଧାରଣ ଲୋକଙ୍କୁ ତାତିରୁ ଟିକିଏ ଆଶ୍ୱସ୍ତି ମିଳିଛି । ରବିବାରଠାରୁ ପୁଣିଥରେ ତାପମାତ୍ରା ବଢ଼ିଛି ଆଞ୍ଚଳିକ ପାଣିପାଗ କେନ୍ଦ୍ର ପଶ୍ଚିମ ଓ ଉପକୂଳ ଓଡ଼ିଶାର କେତେକ ସ୍ଥାନରେ ୩୮ ଡିଗ୍ରୀ ଟପିଛି । ମାର୍ଚ୍ଚ ୨୧ ଓ ୨୨ ତାରିଖ ଅପରାହ୍ନରେ ଉପକୂଳ ଓଡ଼ିଶା ସମେତ ମୟୂରଭଞ୍ଜ, କେନ୍ଦୁଝର ଜିଲ୍ଲାରେ ବର୍ଷା ସହ କାଳବୈଶାଖୀ ଆଶଙ୍କା ରହିଛି । କେତେକ ସ୍ଥାନରେ ଘଣ୍ଟା ପ୍ରତି ୫୦ରୁ ୬୦ କି.ମି. ବେଗରେ ପବନ ହୋଇପାରେ ।

TRUPTI AUTOMOTIVES
TATA MOTORS
Light Commercial Vehicles Dealers
24 hours help line :
Sales : 7873770000

କଂଗ୍ରେସ ପାଣ୍ଡବଙ୍କ ପରି ସତ୍ୟ ଓ ନ୍ୟାୟ ପାଇଁ ଲଢୁଛି

ନୂଆଦିଲ୍ଲୀ : ୧୮।୩

ହଜାର ହଜାର ବର୍ଷ ତଳେ କୁରୁକ୍ଷେତ୍ର ଯୁଦ୍ଧ କ୍ଷମତା ପାଇଁ ହୋଇଥିଲା କୌରବ ପକ୍ଷ କ୍ଷମତା ପାଇଁ ଲଢୁଥିଲେ । ଆଜିକାଲି ବିଜେପି ଓ ଆରଏସଏସ ହେଉଛନ୍ତି କୌରବଙ୍କ ପରି ସେମାନଙ୍କ ମୁଖ୍ୟ ଉଦ୍ଦେଶ୍ୟ ହେଉଛି କ୍ଷମତା ଅକ୍ତିଆର କରିବା । କିନ୍ତୁ ପାଣ୍ଡବମାନେ ଧର୍ମ ଓ ସତ୍ୟ ପାଇଁ ଲଢୁଥିଲେ । କଂଗ୍ରେସ ହେଉଛି ପାଣ୍ଡବଙ୍କ ପରି ସତ୍ୟ ଓ ନ୍ୟାୟ ପାଇଁ ଲଢିଆସୁଛି ବୋଲି କହିଛନ୍ତି କଂଗ୍ରେସ ଅଧ୍ୟକ୍ଷ ରାହୁଲ ଗାନ୍ଧି ।

ଏଠାରେ ଅନୁଷ୍ଠିତ କଂଗ୍ରେସ ଜାତୀୟ ଅଧିବେଶନ ଅବସରରେ ଉଦବୋଧନ ଦେଇ ସେ କହିଛନ୍ତି ଯେ ବିଜେପି ଏବେ କ୍ଷମତା ନିଶାରେ ମସଗୁଲ ହୋଇଯାଇଛି । ବିଜେପି ଅଧ୍ୟକ୍ଷ ଅମିତ ଶାହାଙ୍କ ନାଁ ନ ନେଇ ସେ ତାଙ୍କୁ ଟାର୍ଗେଟ କରିଛନ୍ତି । ସେ କହିଛନ୍ତି ଯେ ବିଜେପି ଜଣେ ନରହତ୍ୟା ଅଭିଯୁକ୍ତଙ୍କୁ ନିଜର ଅଧ୍ୟକ୍ଷ ଗାଦିରେ ବସାଇଛି । କିନ୍ତୁ କଂଗ୍ରେସରେ ଏପରି ଜଣେ ଲୋକ ସଭାପତି ଆସନରେ ବସିବା (ପୃଷ୍ଠା ୭ରେ)

ଶ୍ରୀକ୍ଷେତ୍ର ପୁରୀ ସର୍ବଧର୍ମ ସମନ୍ୱୟର କ୍ଷେତ୍ର

ଭୁବନେଶ୍ୱର : ୧୮।୩
ନ୍ୟୁଜ୍ ବ୍ୟୁରୋ

ଦୁଇ ଦିନିଆ ଓଡ଼ିଶା ଗସ୍ତରେ ଆସିଥିବା ରାଷ୍ଟ୍ରପତି ରାମନାଥ କୋବିନ୍ଦ ରବିବାର ସକାଳେ ପ୍ରଥମେ ଶ୍ରୀମନ୍ଦିରକୁ ଯାଇ ଶ୍ରୀଜୀଉଙ୍କୁ ଦର୍ଶନ କରିବା ପରେ ପୁରୀରେ ରାଷ୍ଟ୍ରୀୟ ସଂସ୍କୃତ ସଂସ୍ଥାନର ଶତବାର୍ଷିକୀ ଉତ୍ସବରେ ଯୋଗ ଦେଇଥିଲେ । ଏହି ଅବସରରେ ସେ ତାଙ୍କ ଅଭିଭାଷଣ ଆରମ୍ଭରେ ପ୍ରଥମେ ଆଜି ଚୈତ୍ର ପ୍ରତିପଦା ହିନ୍ଦୁ ନବବର୍ଷ ଉପଲକ୍ଷେ ଦେଶବାସୀଙ୍କୁ ହାର୍ଦ୍ଦିକ ଶୁଭେଚ୍ଛା ଜଣାଇଥିଲେ । ରବିବାର ସକାଳେ ଜଗନ୍ନାଥ ମନ୍ଦିରରେ ପୂଜାର୍ଚ୍ଚନାର ସୌଭାଗ୍ୟ ମିଳିଲା, ସେ ସେଠାରେ ଦେଶବାସୀଙ୍କ ସୁଖ ସମୃଦ୍ଧି ଓ ମଙ୍ଗଳମୟ ଜୀବନ କାମନା କରି ଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରିଥିବା କହିଥିଲେ ।

ଅନ୍ୟପକ୍ଷରେ ଶ୍ରୀ ଜଗନ୍ନାଥଙ୍କ ପବିତ୍ର ନବକଳେବର ୨୦୧୫ ସ୍ମାରକୀ ଉପଲକ୍ଷେ ନବକଳେବର ମୁଦ୍ରାକୁ ରାଷ୍ଟ୍ରପତି ଉନ୍ମୋଚନ କରିଥିଲେ । ସେ କହିଥିଲେ ଯେ, ଭାରତ ସରକାରଙ୍କ ଦ୍ୱାରା ଏହି ମୁଦ୍ରା ପ୍ରଚଳନ ଏକ ଅଭିନବ ଉଦ୍ୟମ । ପୁରୀ ଶ୍ରୀ ଜଗନ୍ନାଥ ଧାମରେ ଲୋକମାନେ ଏବଂ ଛାତ୍ରଛାତ୍ରୀମାନେ ଏକାଧିକ ଭାଷା ଇଂରାଜୀ, ହିନ୍ଦୀ ଓ ସଂସ୍କୃତରେ କହିପାରନ୍ତି ଓ ବୁଝି ପାରନ୍ତି ବୋଲି ତାଙ୍କର ହୃଦବୋଧ ହୋଇଛି । ଏହି ତିନୋଟି ଭାଷାରେ ବକ୍ତବ୍ୟ ରଖୁଥିବା ବେଳେ ସିଧାସଳଖ (ପୃଷ୍ଠା ୭ରେ)

କେନ୍ଦ୍ର ବିରୁଦ୍ଧରେ ଆସିପାରେ ଅନାସ୍ଥା !

ନୂଆଦିଲ୍ଲୀ : ୧୮।୩

୪ ବର୍ଷର ମୋଦି ସରକାର ପ୍ରଥମ ଥର ଏକ ବଡ ପରୀକ୍ଷାର ସାମନା କରିପାରନ୍ତି । ଟିଡିପି ଓ୍ୱାଇଏସଆର କଂଗ୍ରେସଙ୍କ ଅନାସ୍ଥା ନୋଟିସକୁ ଗ୍ରହଣ କରି ଭୋଟ ପାଇଁ ନିଷ୍ପତ୍ତି ନେଇପାରନ୍ତି ବାଚସ୍ପତି । ଅନାସ୍ଥା ଆଗତ କରିବା ପାଇଁ ଆବଶ୍ୟକ ସଦସ୍ୟଙ୍କ ସମର୍ଥନ ରହିଥିବାରୁ ମୋଦିଙ୍କୁ ଲୋକସଭାରେ ବିଶ୍ୱାସ ଜିତିବାକୁ ପଡିବ । ଏଭଳି ସ୍ଥିତିରେ ବିଜେଡିର ଆଭିମୁଖ୍ୟ କଣ ହେବ, ଅନାସ୍ଥା ସପକ୍ଷରେ ଯିବ କିମ୍ବା ବିପକ୍ଷରେ ଯିବ, ତାହା ଉପରେ ରହିଛି ସମସ୍ତଙ୍କର ନଜର । ପ୍ରଥମ ଥର ପାଇଁ ମୋଦି ସରକାର ଦେଇପାରନ୍ତି ବଡ଼ ପରୀକ୍ଷା । କାରଣ ଦୁଇ ଦୁଇଟି ଅନାସ୍ଥା ନୋଟିସ ଦେଇଛନ୍ତି ଆନ୍ଧ୍ରର ଦୁଇ ପ୍ରତିଦ୍ୱନ୍ଦ୍ୱୀ ଦଳ ଟିଡିପି ଓ ୱାଇଏସଆର କଂଗ୍ରେସ । ଲୋକସଭାରେ ଅନାସ୍ଥା ପ୍ରସ୍ତାବ ଉପରେ ଆଲୋଚନା ଓ ଭୋଟିଂ ପାଇଁ ୫୦ ଜଣ ସଦସ୍ୟଙ୍କ ସମର୍ଥନର ଆବଶ୍ୟକ ରହିଛି । କଂଗ୍ରେସ, ଅନାସ୍ଥାକୁ ସମର୍ଥନ କରୁଥିବାରୁ ଭୋଟିଂ ହେବା ଏକପ୍ରକାର ନିଶ୍ଚିତ । ସଂଖ୍ୟା ଦୃଷ୍ଟିରୁ ଦେଖିବାକୁ ଗଲେ ମୋଦି ସରକାର ଯେ ଲୋକସଭାରେ ଆସ୍ଥା ହରାଇବେ, ସେହି ସମ୍ଭାବନା କ୍ଷୀଣ । ତୃଣମୂଳ କଂଗ୍ରେସ, ଟିଆରଏସ, ଏସପି ଓ ବାମ ଦଳଗୁଡିକର ମୋଦି ସରକାରଙ୍କ ବିରୋଧରେ ସେମାନଙ୍କ ଆଭିମୁଖ୍ୟ ବେଶ ସ୍ପଷ୍ଟ । ବର୍ତ୍ତମାନ ନଜର ରହିଛି ବିଜେଡି, ଏନଡିଏର ସହଯୋଗୀ ଦଳ ଶିବସେନା, (ପୃଷ୍ଠା ୭ରେ)

୬୪ ବ୍ୟାଙ୍କ୍‌ରେ ପଡ଼ି ରହିଛି ୧୧, ୩୦୦ କୋଟି ଟଙ୍କା

ବେଙ୍ଗାଲୁରୁ: ୧୮।୩

୬୪ଟି ବ୍ୟାଙ୍କ୍‌ରେ ୩ କୋଟି ରୁ ଊର୍ଦ୍ଧ୍ୱ ଆକାଉଣ୍ଟଧାରୀଙ୍କର ପ୍ରାୟ ୧୧, ୩୦୨ କୋଟି ଟଙ୍କା ପଡ଼ି ରହିଛି ଯାହାର କେହି ଦାବିଦାର ନାହାନ୍ତି । ଏ କଥା ପ୍ରକାଶ ପାଇଛି ରିଜର୍ଭ ବ୍ୟାଙ୍କ୍‌ର ଡାଟାରେ । ଏଥିରୁ ସବୁଠୁ ଅଧିକ ଅର୍ଥରାଶି– ୧, ୨୬୨ କୋଟି ଟଙ୍କା ରହିଛି ଭାରତୀୟ ଷ୍ଟେଟ୍ ବ୍ୟାଙ୍କ୍‌ରେ । ପଞ୍ଜାବ ନେସ୍‌ନାଲ୍ ବ୍ୟାଙ୍କ୍‌ରେ ରହିଛି ୧, ୨୫୦ କୋଟି ଟଙ୍କା ଏବଂ ଅନ୍ୟାନ୍ୟ ଜାତୀୟକରଣ ବ୍ୟାଙ୍କ୍‌ରେ ସମୁଦାୟ ରହିଛି ୭, ୦୪୦ କୋଟି ଟଙ୍କା । ଆଇଆଇଏମ୍–ବି ସ୍ଥିତ ପୂର୍ବତନ ଭାରତୀୟ ରିଜର୍ଭ ବ୍ୟାଙ୍କ୍‌ର ଚେୟାର ପ୍ରଫେସର ଚରଣ ସିଂହ କହିଛନ୍ତି ଏହି ଜମା ରାଶି ମଧ୍ୟରୁ ଅଧିକାଂଶ ମୃତ୍ୟୁ ବରଣ କରିଥିବା ଆକାଉଣ୍ଟଧାରୀମାଁନଙ୍କର କିମ୍ବା, ବହୁ ଜମାଖାତାଧାରୀ ଲୋକମାନଙ୍କର ଏଥିରୁ ଅଧିକାଂଶ ଅର୍ଥ ବେନାମି ବୋଲି କହିହେବ ନାହିଁ । ୧୯୪୯ ବ୍ୟାଙ୍କିଙ୍ଗ୍ ରେଗୁଲେସନ୍ ଆକ୍ଟ ଅନୁସାରେ, ୧୦ ବର୍ଷ ହେବ ଅପରେଟ୍ ହୋଇ ନ ଥିବା ଭାରତ ସବୁ ଜମାଖାତାର ରିଟର୍ଣ୍ଣ ପ୍ରତି ଆର୍ଥିକ ବର୍ଷ ଶେଷ ହେବାର ୩୦ ଦିନ ପୂର୍ବରୁ ରିଜର୍ଭ ବ୍ୟାଙ୍କ୍‌ରେ ଦାଖଲ କରିବା ବାଧ୍ୟତାମୂଳକ । କିନ୍ତୁ, ଧାରା ୨୬ଏ ଅନୁସାରେ, ୧୦ ବର୍ଷ ପରେ ମଧ୍ୟ ଜଣେ ଜମାକାରୀ ଅପରେଟ୍ ହୋଇ ନ ଥିବା ଜମାଖାତାରେ (ପୃଷ୍ଠା ୭ରେ)

ଯୁଦ୍ଧାସ୍ତ୍ର ଆମଦାନିରେ ଭାରତ ପ୍ରଥମ

ଷ୍ଟକହୋମ: ୧୮।୩

ଅର୍ଥ ସଂକଟ ଯୋଗୁଁ ଭାରତୀୟ ସେନାବାହିନୀ ଅତ୍ୟାଧୁନିକ ଶୈଳୀରେ ନିଜକୁ ସଜାଗ ରଖିବାରେ ବିଫଳ ବୋଲି ନିକଟରେ ଖୋଦ ସେନାବାହିନୀର ଉପମୁଖ୍ୟ ଲେଫ୍ଟନାଣ୍ଟ୍ ଜେନେରାଲ୍ ଶରତ ଚନ୍ଦ୍ର ସଂସଦୀୟ କମିଟି ଆଗରେ କ୍ଷୋଭ ପ୍ରକାଶ କରିଛନ୍ତି । ତେବେ ସମ୍ପ୍ରତି ବିଶ୍ୱରେ ଯୁଦ୍ଧାସ୍ତ୍ର ଆମଦାନି କରିବାରେ ଭାରତ ପ୍ରଥମ ଥିବା ଘଟଣା ନିଜର ଯୁଦ୍ଧାସ୍ତ୍ର ଆବଶ୍ୟକତା ପୂରଣ ପାଇଁ ଦେଶ ତାହା ନିର୍ମାଣ କରିବାରେ ବିଫଳ ବୋଲି ସ୍ପଷ୍ଟ ହୋଇଛି । ୨୦୦୮–୨୦୧୨ ପାଞ୍ଚ ବର୍ଷରେ ଅସ୍ତ୍ରଶସ୍ତ୍ର କ୍ରୟ ପରିମାଣ ୨୦୧୩–୨୦୧୭ ବେଳକୁ ୨୪ ପ୍ରତିଶତ ବୃଦ୍ଧି ପାଇଛି । ଗତ ପାଞ୍ଚ ବର୍ଷ ଭିତରେ ଭାରତ ବିଶ୍ୱର ମୋଟ ଯୁଦ୍ଧାସ୍ତ୍ର କ୍ରୟ ପରିମାଣର ୧୨ ପ୍ରତିଶତ ଭାଗୀଦାର ଥିବା ବେଳେ

ପାଞ୍ଚ ବର୍ଷରେ ୨୪ ପ୍ରତିଶତ ବଢ଼ିଛି

ପ୍ରତିରକ୍ଷା ପାଇଁ କମ୍ ବ୍ୟୟବରାଦ ହେଉଥିବାରୁ ଦେଶ ନିଜେ ନିର୍ମାଣ କରିନପାରି ଏଭଳି (ପୃଷ୍ଠା ୭ରେ)

ଗେଟ୍ ୨୦୧୮ରେ ଜ୍ୟୋତିରଞ୍ଜନ ଟପ୍ପର

ଭୁବନେଶ୍ୱର : ୧୮।୩
ନ୍ୟୁଜ୍ ବ୍ୟୁରୋ

ଓଡ଼ିଶା ପାଇଁ ଗୌରବ ଆଣିଛନ୍ତି ଜ୍ୟୋତିରଞ୍ଜନ ବାରିକ । ଚଳିତ ବର୍ଷ ଗେଟ (ଗ୍ରାଜୁଏଟ୍ ଆପ୍‌ଟିଚ୍ୟୁଡ୍ ଟେଷ୍ଟ ଇନ୍ ଇଞ୍ଜିନିୟରିଂ) ପରୀକ୍ଷାରେ ସେ ସାରା ଭାରତରେ ଟପ୍ପର ହୋଇ ରାଜ୍ୟ ପାଇଁ ସୁନାମ ଆଣିଛନ୍ତି । ତାଙ୍କର ଏହି (ପୃଷ୍ଠା ୭ରେ)

ଲୋକଙ୍କ ସହ ସିଧାସଳଖ ଯୋଡି ହେବେ ନବୀନ

କହିବେ ମନର କଥା, ସବୁ ନିର୍ବାଚନ ମଣ୍ଡଳୀର ଲୋକଙ୍କ ସହ କରିବେ ଆଲୋଚନା

ଭୁବନେଶ୍ୱର : ୧୮।୩
ନ୍ୟୁଜ୍ ବ୍ୟୁରୋ

ଆଉ ମାସ କେଇଟା ପରେ ଲୋକଙ୍କୁ ସାମନା କରିବାକୁ ହେବ ଭୋଟ ବେଳେ । ହାତରେ ସମୟ କମ୍, ଆଉ ଆହ୍ୱାନ ବି ଅଧିକ । ତେଣୁ ସରକାରଙ୍କ ଦ୍ୱାରା ଜାରି ରହିଥିବା ବିକାଶ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବା, ଲୋକଙ୍କ ସହ ସିଧାସଳଖ ଯୋଡି ହେବା ପାଇଁ ମୁଖ୍ୟମନ୍ତ୍ରୀ ନିଷ୍ପତ୍ତି ନେଇଥିବା ଜଣାପଡିଛି । ଲୋକଙ୍କ ସହ ସିଧାସଳଖ କଥା ହେବେ, ସେମାନଙ୍କ ସୁଖଦଃଖ ପଚାରିବେ । ସେମାନଙ୍କ ସମସ୍ୟା ବୁଝି କାର୍ଯ୍ୟାନୁଷ୍ଠାନ ବି ନେବେ । କୌଣସି ନିର୍ବାଚନମଣ୍ଡଳୀ ବି ବାଦ ପଡିବନି ।

୪ର୍ଥ ପାଳିର ସରକାର ନେତୃତ୍ୱ ନେବା ପରେ ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଲୋକମାନେ କିଛି ଆଶା ରଖି ଆମ ଉପରେ ଆସ୍ଥା ପ୍ରକଟ କରିଛନ୍ତି । ଆଉ ସେମାନଙ୍କ ଆସ୍ଥା ଆଉ ଆଶାକୁ ସମ୍ମାନ ଦେବା ପାଇଁ ଆମକୁ ଯତ୍ନବାନ ହେବାକୁ ପଡିବ ବୋଲି ଦଳର ନିର୍ବାଚିତ ବିଧାୟକ ଓ ନେତାମାନଙ୍କୁ ଦଳୀୟ କାର୍ଯ୍ୟାଳୟରେ ଆୟୋଜିତ କାର୍ଯ୍ୟକ୍ରମରେ (ପୃଷ୍ଠା ୭ରେ)

ସୋସିଆଲ୍ ମିଡିଆରେ ନଗ୍ନ ଫଟୋଚିତ୍ରକୁ ନେଇ ସାହିତ୍ୟିକ ଚର୍ଚ୍ଚାରେ

ଭୁବନେଶ୍ୱର : ୧୮।୩
ନ୍ୟୁଜ୍ ବ୍ୟୁରୋ

ରାଜ୍ୟର ଜଣେ ଲବ୍ଧ ପ୍ରତିଷ୍ଠିତ ସାହିତ୍ୟିକଙ୍କ ନଗ୍ନ ଫଟୋ ଚିତ୍ର ସୋସିଆଲ୍ ମିଡିଆରେ ଭାଇରାଲ୍ ହୋଇଛି । ଏହି ଫଟୋଗୁଡ଼ିକ ସେ ନିଜେ ଉତ୍ତୋଳିତ କରିଛନ୍ତି କିମ୍ବା ଜଣେ କେହି ଦ୍ୱିତୀୟ ବ୍ୟକ୍ତି ଉକ୍ତ ଫଟୋ ଉଠାଇଛନ୍ତି ସେଥିନେଇ ସାହିତ୍ୟିକ ମହଲ ଏବେ ଦ୍ୱନ୍ଦ୍ୱରେ । ଏହି ଅଭିଜ୍ଞତା ସମ୍ପନ୍ନ ସାହିତ୍ୟିକ ଏଭଳି ଫଟୋ ସୋସିଆଲ୍ ମିଡିଆରେ କିଭଳି ଦେଇଛନ୍ତି ତାହା ପ୍ରଶ୍ନବାଚୀ ସୃଷ୍ଟି କରିଛି । ଯେହେତୁ ଜଣେ ମହିଳାଙ୍କ ସହ ଚାର୍ଟ ସମୟରେ ଭାବ ପ୍ରବଣତାର ଶିକାର ହୋଇ ସେ ତାଙ୍କ ଶରୀରରୁ ଗୋଟିକ ପରେ ଗୋଟିଏ ବସ୍ତ୍ର ସମ୍ପୂର୍ଣ୍ଣ ଖୋଲି ଚାଲିଥିଲେ ତାହା ହୁଏତ ଜାଣିପାରିନାହାନ୍ତି । ଯେତେବେଳେ ଜାଣିଛନ୍ତି ସେତେବେଳେ ସେ ଉକ୍ତ ମହିଳାଙ୍କୁ ଏହି ଫଟୋ ଓ ଚାର୍ଟ ଗୁଡିକ ସମ୍ପୂର୍ଣ୍ଣ ଭାବରେ ଡିଲିଟ୍ କରିଦେବା ପାଇଁ ଅନୁରୋଧ କରିଥିବା ଘଟଣା ଏବେ ସାହିତ୍ୟିକ ମହଲରେ କେବଳ ଚର୍ଚ୍ଚାର ଖୋରାକ ଯୋଗାଇନାହିଁ ବରଂ ଗଭୀର ଆଲୋଡନ ସୃଷ୍ଟି କରିଛି ।

ବିଳମ୍ବିତ ରାତ୍ରିରେ ଉକ୍ତ ମହିଳାଙ୍କ ସହ ଏହି ସାହିତ୍ୟିକଙ୍କ ପ୍ରଥମେ ବାର୍ତ୍ତାଳାପ ଆରମ୍ଭ ହୋଇଛି । ମହିଳା ଜଣକ ଖୁବ୍ ସମ୍ଭବତଃ କାର୍ଯ୍ୟବ୍ୟସ୍ତତା ଥିବା ଯୋଗୁଁ ଏହି ବାର୍ତ୍ତାଳାପକୁ ଅଧିକ ସମୟ ନ ଚଳାଇ ରଖିବା ପାଇଁ ସାହିତ୍ୟିକଙ୍କୁ ଅନୁରୋଧ କରିଥିଲେହେଁ ସାହିତ୍ୟିକ ଜଣକ ତାଙ୍କୁ ଦୁଇ ଥର କଲ୍ କରିଥିବାର ତା